KHABAR 24X7

# ଖବର 24X7

www.khabarodialive.in






# ଅସୁସ୍ଥତା ସତ୍ତ୍ୱେ ଅଭିଯୋଗ ଶୁଣିଲେ ମୁଖ୍ୟମନ୍ତ୍ରୀ

- ଖୁବଶୀଘ୍ର କେନ୍ଦୁଝରରେ ହେବ ଅଭିଯୋଗ ପ୍ରକୋଷ୍ଠ
- ଶେଷ ଦିନରେ ଜିଲ୍ଲାବାସୀଙ୍କ ଦୁଃଖ ଶୁଣିଲେ



**କେନ୍ଦୁଝର, ୦୫/୦୧:** ତିନିଦିନିଆ କେନ୍ଦୁଝର ଗସ୍ତରେ ଯାଇଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଭୁବନେଶ୍ୱର ଫେରିବା ପୂର୍ବରୁ ଅସୁସ୍ଥତା ସତ୍ତ୍ୱେ ନିଜ ଅଞ୍ଚଳବାସୀଙ୍କ ଦୁଃଖ ଶୁଣିଛନ୍ତି। ଗତ ୨୭ ତାରିଖରୁ ନିଜ ଜିଲ୍ଲା ଗସ୍ତ କରିଥିବା ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଗସ୍ତର ଶେଷ ଦିନରେ ସେ କେନ୍ଦୁଝରରେ ଅଭିଯୋଗ ଶୁଣାଣୀ କରିଥିଲେ। ବହୁ ସଂଖ୍ୟାରେ ଲୋକଙ୍କଠାରୁ ଅଭିଯୋଗପତ୍ର ଗ୍ରହଣ କରିବା ସହ ସେ ତରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଅବସରରେ ଖୁବଶୀଘ୍ର କେନ୍ଦୁଝରରେ ମଧ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ଖୋଲିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ପ୍ରତି ସୋମବାର ମୁଖ୍ୟମନ୍ତ୍ରୀ ଭୁବନେଶ୍ବରରେ ଅଭିଯୋଗ ଶୁଣୁଛନ୍ତି। ଏଭିତରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠକୁ ୧୪ ହଜାରରୁ ଅଧିକ ଅଭିଯୋଗ ଆସିଛି। ସେଥିମଧ୍ୟରୁ ୯୬ ପ୍ରତିଶତ ଅଭିଯୋଗ ସମାଧାନ ହୋଇସାରିଛି। ବାକି ରହିଥିବା ୫୭୯ଟି ଅଭିଯୋଗ ସମାଧାନ ପ୍ରକ୍ରିୟା ଭିତରେ ରହିଛି। ପ୍ରତି ରାଜ୍ୟ ଜନସାଧାରଣଙ୍କ ଆସ୍ଥା ଧୀରେ ଧୀରେ ବୃଦ୍ଧି ପାଇବାରେ ଲାଗିଛି। ମୁଖ୍ୟମନ୍ତ୍ରୀଙ୍କ ସବୁ ଜନଶୁଣାଣୀ ସମୟରେ ୭ ରୁ ୮ ଜଣ ମନ୍ତ୍ରୀ ଓ ବିରଷ୍ଠ ଅଧିକାରୀ ମାନେ ମଧ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣୀ କରୁଛନ୍ତି। ମୁଖ୍ୟମନ୍ତ୍ରୀ ନିଜେ ଶାରୀରିକ ଅସୁସ୍ଥତା ମଧରେ ପ୍ରତ୍ୟେକଟି ଲୋକଙ୍କ ଅଭିଯୋଗ ନିଜେ ଶୁଣିବା ସହ ତା'ର ସମାଧାନ ପାଇଁ ନିଜ ଜିଲ୍ଲାରେ ଏକ ଅଭିଯୋଗ ପ୍ରକୋଷ୍ଠ ଖୋଲିବାକୁ ମଧ ନିର୍ଦ୍ଦେଶ ଦେଇଛନ୍ତି। ତେବେ ସେ ନିଜ ଜଣେ ବିଧାୟକ ଭାବେ କେନ୍ଦୁଝର ଜିଲ୍ଲାକୁ ପ୍ରତିନିଧିତ୍ୱ କରୁଥିବାରୁ ସାଧାରଣ ଭାବେ ସେହି ଜିଲ୍ଲାର ଲୋକମାନେ ତାଙ୍କ ଗସ୍ତ ସମୟରେ ନିଜେ ନିଜର ସମସ୍ୟା ନେଇ ଆସିଥାନ୍ତି।

### ଏସ୍ଆଇ କେଳେଙ୍କାରୀ ମାମଲା

## ୧୬ ଜଣଙ୍କ ନାଁରେ ଚାର୍ଜସିଟ୍ ଦାଖଲ




**ଭୁବନେଶ୍ୱର, ୦୫/୦୧:** କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ପଯରୁ ବହୁଚର୍ଚ୍ଚିତ ପୁଲିସ ଏସ୍ଆଇ ନିଯୁକ୍ତି କେଳେଙ୍କାରୀ ମାମଲାରେ ୧୬ ଜଣଙ୍କ ନାଁରେ ପ୍ରଥମିକ ଚାର୍ଜସିଟ୍ ଦାଖଲ କରାଯାଇଛି। ଏଥିରେ କିଙ୍ଗପିନ୍ ଶଙ୍କର ପୃଷ୍ଟି, ରିଙ୍କୁ ମହାରଣା, ସୌମ୍ୟା ପ୍ରିୟଦର୍ଶିନୀ, ସୁରେଶ ନାୟକ ଓ ମୁନ୍ନା ମହାନ୍ତି ରହିଥିବା ଜଣାପଡିଛି। ଆଗାମୀ ଦିନରେ ଏହି ସଂଖ୍ୟା ଆହୁରି ବଢ଼ିପାରେ ବୋଲି କୁହାଯାଉଛି। ଏମାନଙ୍କ ମଧ୍ୟରୁ ୯ ଜଣଙ୍କୁ କ୍ରାଇମବ୍ରାଞ୍ଚ ଗିରଫ କରିଥିଲା।ପରେ ସିବିଆଇ ଏହି ମାମଲାରେ ତଦନ୍ତ ଦାୟିତ୍ୱ ନେଇ ୭ ଜଣଙ୍କୁ କୋଟ ଚାଲାଣ କରାଯାଉଥିଲା। ଏହା ପୂର୍ବରୁ ଆହୁରି କେତେକ ପରୀକ୍ଷାରେ ବି ଏମାନଙ୍କ ସମ୍ପୃକ୍ତି ଥିବା ସିବିଆଇ ସ୍ପଷ୍ଟ କରିଛି ଓ ସେନେଇ ତଦନ୍ତ ଚାଲିଥିବା କୁହାଯାଉଛି। ଗତ ନଭେମ୍ବର ୨୦ ତାରିଖରେ ସିବିଆଇ ଏ ସମ୍ପର୍କରେ ଏକ ମାମଲା ରୁଜୁ କରି ପ୍ରାରମ୍ଭିକ ଭାବେ ମାମଲାର କରିଥିବା କ୍ରାଇମବ୍ରାଞ୍ଚ ରୁ ସମସ୍ତ ପ୍ରାସଙ୍ଗିକ କାଗଜପତ୍ର ମାଗିଥିଲା। ବ୍ରହ୍ମପୁରରେ ପହଞ୍ଚି ସିବିଆଇ ଟିମ୍ ପ୍ରଥମ ପଦକ୍ଷେପ ସ୍ବରୂପ ବ୍ରହ୍ମପୁର କୋର୍ଟରୁ ଭୁବନେଶ୍ୱର ସିବିଆଇ କୋର୍ଟକୁ ମାମଲା ସ୍ଥାନାନ୍ତର ଲାଗି ଆବେଦନ କରିବା ସହ ୪ ମୁଖ୍ୟ ଅଭିଯୁକ୍ତଙ୍କ ଜାମିନ୍ କୁ କଡ଼ା ବିରୋଧ କରିଥିଲା।

## ସମ୍ପତ୍ତି ତାଲିକା ନ ଦେଲେ ପ୍ରମୋସନ ବନ୍ଦ

**ଭୁବନେଶ୍ୱର, ୦୫/୦୧**: ସରକାରୀ କର୍ମଚାରୀଙ୍କୁ ସମ୍ପତ୍ତି ତାଲିକା ଦାଖଲ କରିବାକୁ ଦିଆଯାଇଛି ନିର୍ଦ୍ଦେଶ। ସୋମବାର ଏନେଇ ସାଧାରଣ ପ୍ରଶାସନ (ଜିଏ) ବିଭାଗ ପକ୍ଷରୁ ଏହି ନିର୍ଦ୍ଦେଶନାମା ଜାରି ହୋଇଛି। ଏହି ନିର୍ଦ୍ଦେଶନାମା ଅନୁସରଣ ସବୁ ସରକାରୀ କର୍ମଚାରୀଙ୍କ ପାଇଁ ସେମାନଙ୍କର ସମ୍ପତ୍ତି ତାଲିକା ଦେବା ବାଧତାମୂଳକ। ଏପରିକି ଏହି ସମ୍ପତ୍ତି ତାଲିକା ପଦୋନ୍ନତି ପାଇ ଜରୁରୀ ବୋଲି କୁହାଯାଇଥିବା ବେଳେ ଜାନୁଆରୀ ୩୧ ତାରିଖ ସୁଦ୍ଧା ଏହା ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଖବର ଅନୁସାରେ ଗ୍ରୁପ୍ -ଏ ରୁ ଆରମ୍ଭ କରି ଗ୍ରୁପ୍ -ଡି ପର୍ଯ୍ୟନ୍ତ ସମସ୍ତ ସରକାରୀ କର୍ମଚାରୀଙ୍କ ପାଇଁ ଏହି ନିର୍ଦ୍ଦେଶନାମା ଜାରି କରାଯାଇଛି। ଏ ନେଇ ସାଧାରଣରେ ପ୍ରଶାସନ ବିଭାଗ ପକ୍ଷରୁ ସମସ୍ତ ବିଭାଗୀୟ ଅଧିକାରୀ, ଜିଲ୍ଲାପାଳ ଓ ଆରଡିସି ମାନଙ୍କୁ ଚିଠି ଲେଖାଯାଇଛି।

### ୨୨ ଲକ୍ଷ୍ୟ ଟଙ୍କାର ବ୍ରାଉନ୍ ସୁଗାର ସହ, ଯୁବକ ଗିରଫ



**ନିମାପଡ଼ା, ୦୫/୦୧:** ପୁରୀ ଜିଲ୍ଲା ନିମାପଡ଼ା ଥାନା ଅନ୍ତର୍ଗତ ଗୁହାଳପଡ଼ା କେନାଲ ରୋଡରେ ଆଇ.ଇ. ନିମାପଡ଼ା ରେଞ୍ଜ ଦ୍ୱାରା ଜଣେ ବ୍ରାଉନ୍ ସୁଗାର ବେବସାଇଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ଜଣଙ୍କ ନୁହାରକିରି ଅଞ୍ଚଳର ସୌରଭ ଘୋଷାଲ (୨୨), ବୋଲି ଜଣାପଡିଛି। ଏଥିସହିତ ଅଭିଯୁକ୍ତ ପାଖରୁ ୨୨୧ ଗ୍ରାମର ବ୍ରାଉନ୍ ଶୁଗାର (ଆନୁମାନିକ ମୂଲ୍ୟ ୨୨ ଲକ୍ଷ୍ୟ ରୁ ଉର୍ଦ୍ଧ୍ବ) , ଗୋଟିଏ ଆଣ୍ଡ୍ରଏଡ ମୋବାଇଲ ଫୋନ ସହିତ ନମ୍ବର ପ୍ଲେଟ୍ ବିହୀନ ଏକ ୟାମାହା R15 ଗାଡ଼ିକୁ ଜବତ୍ କରାଯାଇଥିବା ଜଣାପଡ଼ିଛି। ନିମାପଡ଼ା ରେଞ୍ଜର ପି.ଆର. ନମ୍ବର - ୮୪/୨୫-୨୬ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋଟ ଚାଲାଣ କରାଯାଉଥିବା ନେଇ ରେଞ୍ଜ ଅଧିକାରୀ ସୂଚନା ଦେଇଛନ୍ତି।

## ରାଜ୍ୟସ୍ତରୀୟ ୩୦ ତମ ନିମାପଡ଼ା କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ପାୟନୀୟର ସ୍ପୋର୍ଟି ପୁରୀ ସେମିରେ



**ନିମାପଡ଼ା, ୦୫/୦୧:**ଓଡ଼ିଶା କ୍ରିକେଟ ଜଗତରେ ରେକର୍ଡ଼ ସୃଷ୍ଟି କରିଥିବା ନିମାପଡ଼ାର ସୁନାମଧନ୍ୟ ଯୁବ କ୍ରିକେଟର ସ୍ୱର୍ଗତଃ ତାପସ ଦାସଙ୍କ ସ୍ମୃତିରେ ଉତ୍ସର୍ଗୀକୃତ ରାଜ୍ୟସ୍ତରୀୟ ୩୦ ତମ ନିମାପଡ଼ା କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆଜିଠୁ ଆରମ୍ଭ ହେଉଛି ।ସ୍ଥାନୀୟ ବାରବାଟୀ ପଡିଆ ମିନିଷ୍ଟାଡିୟମରେ ନିମାପଡ଼ା ଆଥଲେଟିକ ଆସୋସିଏସନ ଦ୍ୱାରା ଆୟୋଜିତ ହେଉଥିବା ରାଜ୍ୟସ୍ତରୀୟ ଟୁର୍ଣ୍ଣାମେଣ୍ଟର ଉଦଘାଟନୀ ମ୍ୟାଚ ପାୟନୀୟର ସ୍ପୋର୍ଟି ପୁରୀ ବନାମ ପାରାମାଉଣ୍ଟ ଭୁବନେଶ୍ୱର ମଧରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ପାୟନୀୟର ସ୍ପୋର୍ଟି ପୁରୀ ଟସ୍ ଜିତି ୨୫ ଓଭରରେ ରାଜେଶ ବେହେରାଙ୍କ ସର୍ବାଧିକ ୬୮ ରନ୍ କରି ସାତ ୱିକେଟ ହରାଇ ୨୩୨ ରନ୍ କରିଥିବାବେଳେ ଦ୍ବିତୀୟ ଇନିଂସିରେ ପାରାମାଉଣ୍ଟ ଭୁବନେଶ୍ୱର ରନ୍ ପିଛା କରି ଦେବାଶିଷ ସାମନ୍ତରାୟ ୪୯ ଓ ଅଂଶୁମାନ ସାହୁ ୩୫ କରି ୯ ଟି ୱିକେଟ୍ ହରାଇ ୧୩୭ ରନ୍ କରି ଶେଷରେ ୫୯ ରନ୍ ପରାଜୟ କରିଥିଲେ।ମ୍ୟାନ ଅଫ ଦି ମ୍ୟାଚକୁ ରାଜେଶ ବେହେରାଙ୍କୁ ଅତିଥି ପ୍ରାର୍ଥସାରଥୀ ଛୋଟରାୟଙ୍କଦ୍ୱାରା ପୁରସ୍କାର ଦିଆଯାଇଥିଲା।ଆଜିର ଉଦଘାଟନୀ ମ୍ୟାଚ୍ ରେ ଆଥଲେଟିକ ଆସୋସିଏସନ ସଭାପତି ଅକ୍ଷୟ କୁମାର ବେହେରା ସଭାପତିତ୍ବରେ ମୁଖ୍ୟ ଅତିଥି ରୂପେ ପୁର୍ବତନ ମନ୍ତ୍ରୀ ରାଜ୍ୟ ବିଜେପିର ମୁଖପାତ୍ର ସମୀର ରଞ୍ଜନ ଦାଶ,ପତିତପାବନ ସେବା ସଂଘର ସମ୍ପାଦକ ତଥା ବରିଷ୍ଠ ଶିକ୍ଷାବିତ ଜଗତ ପ୍ରସାଦ ସାବୁତ, ଜିଲ୍ଲା ପରିଷଦ ସଭ୍ୟ ପ୍ରଦିପ୍ତ କୁମାର ଖଟୋଇ,ଜିବନାନନ୍ଦ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଖେଳକୁ ଅଭିନନ୍ଦନ ପାତ୍ର ଓ ତ୍ରୀବୁଭନନାଥ ଦାଶ ପରିଚାଳନା କରିଥିଲେ ।ଆସନ୍ତାକାଲିର ମ୍ୟାଚ ସୋଲାର କ୍ରୀକେଟ କ୍ଲବ,କଟକ ସହିତ ପ୍ରଗତି ସ୍ପୋର୍ଟିଙ୍ଗ, ଭୁବନେଶ୍ୱର ମଧରେ ଅନୁଷ୍ଠିତ ହେବ।


ସନସାଇନ୍ ହସ୍ପିଟାଲ ଅସ୍ଥିଶଲ୍ୟ କ୍ଲିନିକ୍
ଏବେ ଆପଣଙ୍କ ନିମାପଡ଼ା ରେ
SANVIKA MEDICINE STORE
Address:- Ratilo Chhak, Nimapada
Dr. Devasis Sarangi
For Booking Call: 9861325586 9777279135
Every Friday, Time: 03:00PM to 06:00PM

# ସ୍ୱାଧୀନତା ସଂଗ୍ରାମୀ ମୋହନ ଦାଶଙ୍କ ୩୧ତମ ଶ୍ରାଦ୍ଧ ବାର୍ଷିକୀ ଉତ୍ସବ ପାଳିତ।




**ନିମାପଡ଼ା,୦୫/୦୧:** ଓଡ଼ିଶାର ମହାନ ସ୍ୱାଧୀନତା ସଂଗ୍ରାମୀ ତଥା ସାମ୍ୟବାଦୀ ନେତା ଓ ଭାଗଚାଷୀ ଆନ୍ଦୋଳନର ପୁରୋଧା ମୋହନ ଦାସଙ୍କ ୩୧ତମ ଶ୍ରାଦ୍ଧ ବାର୍ଷିକୀ ଉତ୍ସବ ଆଜି ଅପରାହ୍ନରେ ମୋହନ ଦାସ ସ୍ମୃତି କମିଟି ଓ ପତିତପାବନ ସେବା ସଂଘ ଏବଂ ନିମାପଡ଼ା ଶହୀଦ ସ୍ମୃତି ସଂସଦ ମିଳିତ ଆନୁକୂଲ୍ୟରେ ନିମାପଡ଼ା ବ୍ଲକ ଅଧିନ ଚଉଁରପଦା ନିକଟସ୍ଥ ପତିତପାବନ ସେବାସଂଘ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପତିତପାବନ ସେବା ସଂଘର ସମ୍ପାଦକ ତଥା ବରିଷ୍ଠ ଶିକ୍ଷାବିତ ଜଗତ ପ୍ରସାଦ ସାବୁତଙ୍କ ସଭାପତିତ୍ବରେ ମୁଖ୍ୟ ଅତିଥି ରୂପେ ପୁର୍ବତନ ମନ୍ତ୍ରୀ ରାଜ୍ୟ ସମୀର ରଞ୍ଜନ ଦାଶ,ଏନଏସିର ଉପାଧ୍ୟକ୍ଷ ସନ୍ତୋଷ ଦାସ, କମ୍ୟୁନିଷ୍ଟ ଜିଲ୍ଲା ସଭାପତି କୃଷ୍ଣଚନ୍ଦ୍ର ରାଉତ, ରାଜ୍ୟ କମିଟି ସଦସ୍ୟ ଦେବେନ୍ଦ୍ର ସାହୁ,ଜିଲ୍ଲା ପରିଷଦ ସଭ୍ୟ ପ୍ରଦିପ୍ତ କୁମାର ଖଟୋଇ ପ୍ରମୁଖ ଅତିଥି ରୂପେ ଯୋଗଦେଇ ଓଡ଼ିଶାର ମହାନ ସ୍ୱାଧୀନତା ସଂଗ୍ରାମୀଙ୍କ ଜିବନୀ ଉପରେ ଆଲୋକପାତ କରିବା ସହିତ ମୋହନ ଦାଶ ମହାନ ଜନ ନାୟକ ବିଜୁ ପଟନାୟକଙ୍କ ଅତ୍ୟନ୍ତ ଘନିଷ୍ଠ ଥିଲେ ଓ ଚାଷିମାନଙ୍କ ପାଇଁ ସବୁବେଳେ ଆମର ହୋଇ ରହିବେ ବୋଲି ମତବ୍ୟକ୍ତ ଦେଇଥିଲେ।ଆଜିର ମଞ୍ଚକୁ ପରିଚାଳନା କରୁଥିଲେ ସହିଦ ସ୍ମୃତି ସଂସଦ ସମ୍ପାଦକ ବେଣୁଧର ସେନାପତି। ଅନ୍ୟମାନଙ୍କ ମଧ୍ୟରେ ଅଶୋକ କୁମାର ସାହୁ,ଜିବନାନନ୍ଦ ମହାପାତ୍ର, ଚିତ୍ତରଞ୍ଜନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ମୋହନ ଦାସ ସ୍ମୃତି କମିଟିକୁ ପୁନର୍ଗଠନ କରାଯାଇ କିଭଳି ଆଗେଇବ ସେଥିପାଇଁ କମିଟିର ନୂତନ ସଭାପତି ଭାବେ ଜଗତ ପ୍ରସାଦ ସାବୁତ ଏବଂ ସମ୍ପାଦକ ସନ୍ତୋଷ କୁମାର ଦାଶକୁ ଦାୟିତ୍ୱ ଦିଆଯାଇ ଆଗାମୀ ପିଢ଼ି କିଭଳି ସରସ ସୁନ୍ଦର କାର୍ଯ୍ୟକ୍ରମ କରି କିପରି ଆଗେଇ ଚାଲିବ ସେଥିପାଇଁ ସଦସ୍ୟମାନଙ୍କ ମତାମତ ନିଆଯାଇ ଦାୟିତ୍ୱ ଦିଆଯାଇଥିଲା।

# ମାର୍ଚ୍ଚରୁ ଆଉ ମିଳିବନି ୫୦୦ ଟଙ୍କିଆ ନୋଟ୍ ? ଜାଣନ୍ତୁ କ'ଣ କହିଲା RBI...



**ନୂଆଦିଲ୍ଲୀ, ୦୫/୦୧:** ଏଟିଏମରେ ଆଉ ରହିବନି ୫୦୦ ଟଙ୍କିଆ ନୋଟ୍ । ମାର୍ଚ୍ଚ ମାସରୁ ଆଉ ଦେଖିବାକୁ ମିଳିବନି ୫ ଶହ ଟଙ୍କିଆ ନୋଟ୍ । ଏମିତି ଏକ ଖବର ଏବେ ସୋସିଆଲ ମିଡିଆରେ ବେଶ ଭାଇରାଲ ହେବାରେ ଲାଗିଛି ।ଫେସବୁକଠାରୁ ଆରମ୍ଭ କରି ଟ୍ବିଟର ସବୁଥିରେ ଏବେ ଏହା ନିଆଁ ଭଳି ବ୍ୟାପିବାରେ ଲାଗିଛି । ଯାହାକୁ ନେଇ ଚା ଖଟିରୁ ଆରମ୍ଭ କରି ଅଫିସ୍ ସବୁଠି ଜୋରଦାର ଚର୍ଚ୍ଚା ମଧ୍ୟ ହେଉଛି । ତେବେ ଏହି ଖବରରେ କେତେ ସତ୍ୟତା ତାହା ଜାଣିବା ପାଇଁ ସମସ୍ତେ ଇଚ୍ଛୁକ। ତେବେ ଆସନ୍ତୁ ଆମର ଏହି ଲେଖା ମାଧ୍ୟମରେ ଜାଣିବା ଏହି ଖବରଟି ଗୁଜବ ନା ସତ IPIB ଫ୍ୟାକ୍ଟ ଚେକ୍ ଏହି ଦାବିକୁ ସମ୍ପୂର୍ଣ୍ଣ ଭାବେ ମିଥ୍ୟା ବୋଲି ଦର୍ଶାଉଛି । ସେପଟେ ସରକାରୀ ଫ୍ୟାକ୍ଟ ଚେକିଂ ୱିଙ୍ଗ୍ ମଧ୍ୟ ଏହି ଖବରକୁ ମିଥ୍ୟା ବୋଲି କହିଛି । RBI ପକ୍ଷରୁ ବିମୁଦ୍ରିକରଣ ସମ୍ପର୍କରେ ମଧ୍ୟ କୌଣସି ସୂଚନା ପ୍ରଦାନ କରାଯାଇନାହିଁ । RBI ଏଯାବତ ଏନେଇ କୌଣସି ସଙ୍କେତ ଦେଇନାହିଁ । ଏମିତିକି ବିମୁଦ୍ରିକରଣ କରାଯିବା ନେଇ ମଧ୍ୟ କୌଣସି ସରକାରୀ ତଥ୍ୟ ପ୍ରଦାନ କରାଯାଇନାହିଁ । କିନ୍ତୁ ସୋସିଆଲ ମିଡିଆରେ ଏଭଳି ଏକ ଗୁଜବ ବହୁଳ ମାତ୍ରାରେ ଭାଇରାଲ ହେବାରେ ଲାଗିଛି । ଯାହାକୁ ନେଇ ସାଧାରଣ ଲୋକେ ବହୁ ଚିନ୍ତିତ ରହିଥିବା ମଧ୍ୟ ଦେକିବାକୁ ମିଳିଛି । ତେବେ ସବୁବେଳେ RBI ନୋଟ ଉପରେ ଦେଉଥିବା ତଥ୍ୟକୁ ବିଶ୍ବାସ କରନ୍ତୁ। ଏଭଳି ଗୁଜବ ପ୍ରଚାର କରୁଥିବା ଲୋକଙ୍କ କଥାକୁ କେବେ ମଧ୍ୟ ବିଶ୍ବାସ କରନ୍ତୁ ନାହିଁ ।

# ସରସ୍ବତୀ ଶିଶୁ ମନ୍ଦିର ବଡନିନିଗାଁର ତୃତୀୟ ବାର୍ଷିକ ଉତ୍ସବ ପାଳିତପିଲାମାନଙ୍କୁ ଖେଳ ମାଧ୍ୟମରେ ପାଠ ପଢ଼ାଇବା ପାଇଁ ପରାମର୍ଶ



**ନିମାପଡ଼ା, ୦୫/୦୧:** ବଳଙ୍ଗା ଥାନା ଅନ୍ତର୍ଗତ ବାମନାଳ ପଞ୍ଚାୟତ ନିକଟରେ ଥିବା ସରସ୍ବତୀ ଶିଶୁ ବିଦ୍ୟା ମନ୍ଦିର,ବଡନିନିଗାଁର ତୃତୀୟ ବାର୍ଷିକ ଉତ୍ସବ ବିଦ୍ୟାଳୟ ର ସମ୍ପାଦକ ସନ୍ତୋଷ ବରାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୂଖ୍ୟ ଅତିଥି ରୂପେ ବଳଙ୍ଗା ଥାନା ଅଧିକାରୀ ଦିବ୍ୟ ରଞ୍ଜନ ପଣ୍ଡା,ଶିଶୁ ମନ୍ଦିରର ଉତ୍ତରୋତ୍ତର ଉନ୍ନତି ସହାୟକ ହେବାର ଆଶ୍ୱାସନା ଦେବା ସହ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଅଭିବାବମାନଙ୍କୁ ପିଲାମାନଙ୍କୁ ଖେଳ ମାଧ୍ୟମରେ ପାଠ ପଢ଼ାଇବା ପାଇଁ ପରାମର୍ଶ ଦେଇଛନ୍ତି। ମୁଖ୍ୟ ବକ୍ତା ଭାବେ ବଳଙ୍ଗା ମହାବିଦ୍ୟାଳୟର ଶିକ୍ଷା ବିଭାଗର ମୁଖ୍ୟ ଅଧାପକ ଡ଼ଃ ପ୍ରଦୋଷ କୁମାର ପତି ଯୋଗଦେଇ ଅଭିଭାବକ ମାନଙ୍କୁ ଶିଶୁମାନଙ୍କର ସଠିକ ସଂସ୍କାର ଦେବା ସହ ସେମାନଙ୍କର ପାଠପଢ଼ା ପ୍ରତି ଧ୍ୟାନ ଦେବା ଓ ଉଜ୍ଜ୍ୱଳ ଭବିଷ୍ୟତ ତୋଳି ଗଢିବା ପାଇଁ ପରାମର୍ଶ ଦେଇଥିଲେ। ସମ୍ମାନୀତ ଅତିଥି ଭାବେ ବାମନାଳ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ସନ୍ଦିପ ନାରାୟଣ ଦାଶ, ଅବସରପ୍ରାପ୍ତ ବାୟୁସେନା ବାହୀନିର ଉଚ୍ଚ ପଦସ୍ଥ କର୍ମଚାରୀ ଅଞ୍ଜନ ଦାଶ, ଅବସରପ୍ରାପ୍ତ ଶିକ୍ଷକ ସୁବଳ ଦାସ ,ସଭାପତି ,ପ୍ରମୁଖ ଅତିଥିମାନେ ଛାତ୍ର ଛାତ୍ରୀ ମାନଙ୍କୁ ଭାବ ଉଦ୍ଦୀପକ ଭାଷଣ ଜରିଆରେ ଭଲ ମଣିଷ ହେବାପାଇଁ ଉଦବୋଧନ ଦେଇଥିଲେ। ମୁଖ୍ୟ ଅତିଥିଙ୍କ ଦ୍ବାରା କୃତି ଛାତ୍ର ଛାତ୍ରୀଙ୍କୁ ପୁରସ୍କାର ମେଡାଲ ଓ ପ୍ରମାଣ ପତ୍ର ବଣ୍ଟନ କରାଯାଇଥିଲା।ପ୍ରଧାନ ଆଚାର୍ଯ୍ୟା ଚିନ୍ମୟୀ ବିଶ୍ବାଳ ଶିଶୁ ମନ୍ଦିରର ବିବରଣୀ ପାଠ କରିବା ସହିତ ଅତିଥି ମାନଙ୍କର ପରିଚୟ ପ୍ରଦାନ କରିଥିଲେ ଓ ଆଚାର୍ଯ୍ୟ ନବକୃଷ୍ଣ ବାରିକ ମନ୍ତ୍ରପାଠ, ଗୁରୁବନ୍ଦନା ଓ ସରସ୍ୱତୀ ବନ୍ଦନା ଗାନ କରିଥିଲେ ଓ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।ପରେ ଛାତ୍ର ଛାତ୍ରୀ ମାନଙ୍କ ଦ୍ବାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ମାଟିଗଦାକୁ ନେଇ ଗଣ୍ଡଗୋଳ, ଥାନାରେ ଅଭିଯୋଗ




**ବଳଙ୍ଗା, ୦୫/୦୧:** ବଳଙ୍ଗା ବଜାର ମଧ୍ୟରେଥିବା ଏକଘର ସମ୍ମୁଖରେ ମାଟି ଜବରଦସ୍ତ ରଖିବା ନେଇ ଗଣ୍ଡଗୋଳ ହୋଇଛି.ତାର କିଛିସମୟ ମଧ୍ୟରେ ଗଣ୍ଡଗୋଳ କାରି ମାନେ ପୂର୍ଣ୍ଣରବାର ଆସି ଅଭିଯୋଗ କାରି ତ୍ରିଲୋଚନ ପଣ୍ଡା(୩୫)ଶମ୍ଭୁ ଭାରତୀ ପାଟଣାର ବ୍ୟବସାୟ ପ୍ରତିଷ୍ଠାନର ଲୋକମାନଙ୍କ ଠାରୁ ବାକିଟଙ୍କା ଆଦାୟ କରି ଶନିବାର ଦିନରାତ୍ର ପ୍ରାୟ ୮ ଘ.ସମୟରେ ଘରକୁ ଫେରୁଥିବା ବେଳେ ବଳଙ୍ଗା ଗ୍ରାମ୍ୟବ୍ୟାଙ୍କ ପୂର୍ବରୁ ଆସୁଥିବା ଦେଖି ବଳଙ୍ଗା ପ୍ରଧାନ ସାହିର ବ୍ରଜ କିଶୋର ରାଉତ(ବ୍ରଜ)ପୂର୍ବ ଯୋଜନା ମୁତାବକ ହାତରେ ଏକ ତଡାଧରି ଅଟକାଇଲା । ଅଭିଯୋଗ କାରି ତ୍ରିଲୋଚନ ଗାଡି ରଖିବାରୁ ଅଶୀଳ ଭାଷାରେ ଗାଳିଗୁଲଜ କରି ଏକ ଧକ୍କା ପକାଇବାରୁ ତ୍ରିଲୋଚନ ଗାଡି ଉପରୁ ତଳେ ପଡ଼ିଜାଇ ଥିଲେ । ସେହି ସମୟରେ ବ୍ରଜ ବେକରେ ପିନ୍ଧିଥିବା ୫୩ ଗ୍ରାମର ସୁନା ଚେନକୁ ସେ ଜୋରଜବରଦସ୍ତ ଛିଣ୍ଡାଇ ନେବାସହିତ ବ୍ୟବସାୟରୁ ଆଦାୟ କରି ଆଣିଥିବା ୯୭ ହଜାର ୬୦୦ ବାକି ଟଙ୍କାକୁ ପକଟରୁ ଭିଡି ନେଇ ଜାଇ ଥିଲା ତ୍ରିଲୋଚନ ପ୍ରତିବାଦ କରିବାରୁ  ଆଜି ଜୀବନରୁ ମାରିଦେବି ବୋଲି କହି ଜୀବନରୁ ମାରିଦେବା ପାଇଁ ବାଡିଆ ବାଡି କରୁଥିଲା.ସେହି ବାଟଦେଇ ଯାଉଥିବା ତୋଟା ସାହିର ପ୍ରହ୍ଲାଦ ବେହେରା ବ୍ରଜ କବଳରୁ ଉଦ୍ଧାର କରିଥିଲା ।ଏବଂ ବିଭିନ୍ନ ପ୍ରକାର ମରଣାତ୍ମକ ହତ୍ୟା ଧମକ ଦେବାରୁ ଏନେଇ ବଳଙ୍ଗା ଥାନାରେ ଅଭିଯୋଗ ହୋଇଛି. ବଳଙ୍ଗାଥାନା ଆଇ ଆଇ ସି ଦିବ୍ୟରଞ୍ଜନ ପଣ୍ଡା ଅଭିଯୋଗକୁ ଆଧାର କରି ବଳଙ୍ଗାଥାନା କେଶ ନଂ ୧/୨୬/୨୦୨୬/ ମାମଲା ଆଗତ କରି ଜଣକୁ ଅଟକ ରଖିଅଛି.

# ରାଗରେ ଜଳୁଛି ବାଂଲା କ୍ରିକେଟ୍ ବୋର୍ଡ୍, ବିଶ୍ୱକପ୍ ଖେଳିବାକୁ ଆସିବେନି ଭାରତ, ସେପଟେ BCCI ନେଲା ବଡ଼ ନିଷ୍ପତ୍ତି..

2026 T-20 World Cup: ବାଂଲାଦେଶ କ୍ରିକେଟର ମୁସ୍ତାଫିଜୁର ରହମାନଙ୍କ ଆଇପିଏଲ୍ ରିଲିଜ୍ ପରେ ଖେଳାଳିଙ୍କ ସୁରକ୍ଷା ଚିନ୍ତାକୁ ଦର୍ଶାଇ ଏବଂ ଆଇସିସିକୁ ସେମାନଙ୍କ ମ୍ୟାଚ୍ ଶ୍ରୀଲଙ୍କାକୁ ସ୍ଥାନାନ୍ତର କରିବାକୁ ଆନୁଷ୍ଠାନିକ ଭାବେ ଅନୁରୋଧ କରି ବାଂଲାଦେଶ ୨୦୨୬ ଟି-୨୦ ବିଶ୍ୱକପ୍ ପାଇଁ ଭାରତ ଯାତ୍ରା କରିବାକୁ ମନା କରିଦେଇଛି । ବାଂଲାଦେଶ କ୍ରିକେଟ୍ ବୋର୍ଡ (BCB) ନିଶ୍ଚିତ କରିଛି ଯେ, ବାଂଲାଦେଶ ୨୦୨୬ ଟି-୨୦ ବିଶ୍ୱକପ୍ ପାଇଁ ଭାରତ ଯାତ୍ରା କରିବ ନାହିଁ । ତେବେ ଆଇପିଏଲରୁ ବାଂଲାଦେଶ ଖେଳାଳି ମୁସ୍ତାଫିଜୁର ରେହମାନଙ୍କୁ ବିଦା କରାଯିବା ପରେ ଏବେ ରାଗରେ ଜଳୁଛି ବାଂଲା କ୍ରିକେଟ୍ ବୋର୍ଡ୍ । ଅନେକ ବାଦ ବିବାଦ ପରେ ତାଙ୍କୁ ଶନିବାର କୋଲକାତା ନାଇଟ୍ ରାଇଡର୍ସ ରିଲିଜ୍ କରିଥିଲା । ଏବେ ସେଠାକାର କ୍ରିକେଟ୍ ବୋର୍ଡ ଟି୨୦ ବିଶ୍ୱକପ୍ ମୁକାବିଲାର ଖେଳସୂଚୀ ପରିବର୍ତ୍ତନ ପାଇଁ ଦାବି କରିଛି । ଫେବ୍ରୁଆରୀ ମାସରେ ଟି୨୦ ବିଶ୍ୱକପ୍ ଖେଳାଯିବ । ଯାହାର ଆୟୋଜକ ହେଉଛନ୍ତି ଭାରତ ଏବଂ ଶ୍ରୀଲଙ୍କା । ତେବେ ପାକିସ୍ତାନ ଏବଂ ଭାରତ ବିପକ୍ଷ ମୁକାବିଲା ଶ୍ରୀଲଙ୍କାରେ ଖେଳାଯିବ । ଏବେ ବାଂଲାଦେଶ ନିଜ ମ୍ୟାଚକୁ ଭାରତ ବଦଳରେ ଶ୍ରୀଲଙ୍କାକୁ ପରିବର୍ତ୍ତନ ପାଇଁ ଦାବି କରିଛି । ବାଂଲା ସରକାରଙ୍କ ପରାମର୍ଶଦାତା ଆସିଫ୍ ନାଜରୁଲ କହିଛନ୍ତି ଯେ, ୨୦୨୬ ଟି୨୦ ବିଶ୍ୱକପରେ ଭାରତରେ ବାଂଲାଦେଶର ଅନେକ ମୁକାବିଲା ଖେଳାଯିବ । ହେଲେ ଏସବୁକୁ ଭାରତରେ ନଖେଳାଯାଇ ଶ୍ରୀଲଙ୍କାକୁ ସ୍ଥାନାନ୍ତର କରାଯିବା ଦରକାର । ଯେପରି ଭାରତ ପୂର୍ବରୁ ପାକିସ୍ତାନ ବିପକ୍ଷ ମୁକାବିଲାକୁ ଆୟୋଜନ କରିଥିଲା । ଏହାସହ ବାଂଲାଦେଶରେ ଆଇପିଏଲର ବ୍ରଡକାଷ୍ଟକୁ ସସପେଣ୍ଡ ପାଇଁ କୁହାଯାଇଛି । ଯଦିଓ ପ୍ରାରମ୍ଭରେ ICC ସହିତ ତିନିଟି ପ୍ରସଙ୍ଗ ଉଠାଇବାକୁ ଯୋଜନା ଥିଲା, କିନ୍ତୁ ବାଂଲାଦେଶ କ୍ରିକେଟ୍ ବୋର୍ଡ (BCB) ଶେଷରେ କେବଳ ଗୋଟିଏ ଆନୁଷ୍ଠାନିକ ଦାବି ଦାଖଲ କରିଛି । ୧୭ ଜଣ BCB ନିର୍ଦ୍ଦେଶକ ଏକାଠି ହୋଇ T20 ବିଶ୍ୱକପ୍ ସମ୍ପର୍କରେ ଏକ ନୂତନ ନିଷ୍ପତ୍ତିରେ ପହଞ୍ଚିଥିଲେ, ଯେଉଁଥିରେ ବାଂଲାଦେଶ ଭାରତୀୟ ମାଟିରେ ଏହାର କୌଣସି ବିଶ୍ୱକପ୍ ମ୍ୟାଚ୍ ଖେଳିବ ନାହିଁ ବୋଲି ନିଷ୍ପତ୍ତି ନିଆଯାଇଥିଲା। ତେବେ କହିରଖୁଛୁ ଯେ, ଶନିବାର ଦିନ ଭାରତୀୟ କ୍ରିକେଟ୍ ନିୟନ୍ତ୍ରଣ ବୋର୍ଡ (BCCI) ବାଂଲାଦେଶୀ ପେସରଙ୍କୁ IPLରୁ ମୁକ୍ତ କରିବାକୁ ଫ୍ରାଞ୍ଚାଇଜ୍ କୁ ଅନୁରୋଧ କରିବା ପରେ KKR ମୁସ୍ତାଫିଜୁରଙ୍କୁ ମୁକ୍ତ କରିଥିଲା । ଡିସେମ୍ବର ୨୦୨୫ରେ IPL ୨୦୨୬ ମିନି-ନିଲାମରେ KKR ଏହି ସ୍ୱିଡ୍ଷ୍ଟରଙ୍କୁ ୯.୨୦ କୋଟି ଟଙ୍କାରେ ଚୁକ୍ତିବଦ୍ଧ କରିଥିଲା, ଯାହା ପ୍ରାରମ୍ଭରେ ଏହାର କ୍ରିକେଟ୍ ମୂଲ୍ୟ ପାଇଁ ଦୃଷ୍ଟି ଆକର୍ଷଣ କରିଥିଲା କିନ୍ତୁ ପରେ ଏହାକୁ ନେଇ ପଡ଼ିଆ ବାହାରେ ବିବାଦରେ ଫସି ଯାଇଥିଲା । ଆସିଫ୍ ନଜରୁଲ୍ ମଧ୍ୟ ସୋସିଆଲ ମିଡିଆରେ ସେୟାର କରାଯାଇଥିବା ଏକ ବିବୃତ୍ତିରେ ଏହି ଘଟଣାକୁ ନିଶ୍ଚିତ କରିବା ସହ ଭାରତ ଯାତ୍ରା କରିବାକୁ ଦେଶର ଅନିଚ୍ଛାକୁ ଦୋହରାଇଛନ୍ତି । ନଜରୁଲ୍ ଲେଖିଛନ୍ତି, “ବାଂଲାଦେଶ ବିଶ୍ୱକପ୍ ଖେଳିବା ପାଇଁ ଭାରତ ଯିବ ନାହିଁ। ବାଂଲାଦେଶ କ୍ରିକେଟ୍ ବୋର୍ଡ ଆଜି ଏହି ନିଷ୍ପତ୍ତି ନେଇଛି । ଭାରତୀୟ କ୍ରିକେଟ୍ ବୋର୍ଡର ହିଂସାତ୍ମକ ସାମ୍ପ୍ରଦାୟିକ ନୀତି ପରିପ୍ରେକ୍ଷୀରେ ନିଆଯାଇଥିବା ଏହି ନିଷ୍ପତ୍ତିକୁ ଆମେ ସ୍ୱାଗତ କରୁଛୁ।”

Published & Edited by : Mohan Kumar Patra, Khabar24X7, Nimapada, Puri, Odisha – 752106 E-mail :- khabar.odialive@gmail.com Mob.: +91 9777329065